# ତହସିଲ କାର୍ଯ୍ୟାଳୟ, ନିଶ୍ଚିନ୍ତକୋଇଲି, କଟକ

## ପତ୍ର ସଂଖ୍ୟା- ୧୦୬୮ ତାରିଖ-୨.୫.୧୮

## ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ନିୟମାବଳୀ -୨୦୧୬ ଓଡିଶା ଲଘୁଖଣିଜ ଦ୍ରବ୍ୟ ରିହାତି (ସଂଶୋଧନ) ନିୟମାବଳୀ-୨୦୧୭ ଅନୁଯାୟୀ -

ଏତଦ୍ଦ୍ୱାରା ସର୍ବସାଧାରଣଙ୍କ-ଅବଗତି ନିମନ୍ତେ ଜଣାଇଯାଉଇଛି ଯେ ଓଡିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧିନସ୍ଥ , ନିଶ୍ଚିନ୍ତକୋଇଲି ତହସିଲ ଅନ୍ତର୍ଗତ ନିମ୍ନ ଲିଖିତ ସୈରାତ ଉତ୍ସ (ଲଘୁ ଖଣିଜ ଦ୍ରବ୍ୟ) ଗୁଡିକର ୨୦୧୮-୧୯ ଆର୍ଥିକ ବର୍ଷ ଠାରୁ ୨୦୨୨-୨୩, ପାଂଚ ବର୍ଷ ଲିଜ ନିମନ୍ତେ ଦରଖାସ୍ତ ଆହ୍ୱାନ କରାଯାଉଛି । ଇଚ୍ଛୁକ ବ୍ୟକ୍ତି ବିଶେଷ ***OMMC Rule***-2016 ରେ ପ୍ରଦତ୍ତ ***Form-M*** ରେ ପୁରଣ କରି ୩ ଟି କପି ସହ ନିମ୍ନଲିଖିତ ଆବଶ୍ୟକୀୟ ଦସ୍ତାବିଜ ସଂଲଗ୍ନ କରି ଜଉମୁଦ ଲଫାଫାରେ ତହସିଲଦାର ନିଶ୍ଚିନ୍ତକୋଇଲି ଙ୍କ କାର୍ଯ୍ୟାଳୟରେ ଥିବା ***Drop Box*** ରେ ଆସନ୍ତା ତା.୧୦.୦୪.୧୮ ରିଖ ଠାରୁ ଧାର୍ଯ୍ୟ ନିଲାମ ତାରିଖ ୨୪.୦୪.୨୦୧୮ ର ଆପରାହ୍ଣ ୫ ଘଟିକା ପର୍ଯ୍ୟନ୍ତ ପକାଇପାରିବେ (ଛୁଟିଦିନ ବ୍ୟତିତ) ଲଫାଫା ଉପରେ ସୈରାତ ଉତ୍ସର ନାମ, ସୈରାତ କେଶ ନଂ ଲେଖାଥିବା ଆବଶ୍ୟକ । ନିଲାମ ଧାର୍ଯ୍ୟତାରିଖ ପୂର୍ବ ଦିନ ଅପରାହ୍ଣ ୫ ଘଟିକାପରେ ପ୍ରାପ୍ତ ହୋଇଥିବା ଦରଖାସ୍ତ ଗୁଡିକ ବିଚାରକୁ ନିଆଯିବ ନାହିଁ । କୌଣସି କାରଣ ନ ଦର୍ଶାଇ ନିଲାମ କୁ ସ୍ଥଗିତ/ରଦ୍ଦ କରିବାର କ୍ଷମତାପ୍ରାପ୍ତ ଅଧିକାରୀ ଓ ଜିଲ୍ଲାପାଳ, କଟକ ଙ୍କର ରହିଅଛି । ତା ୨୫.୦୪.୧୮ ରିଖ ଅପରାହ୍ଣ ୩ ଘଟିକା ସମୟରେ ଲିଜ ଦରଖାସ୍ତକାରୀ କିମ୍ବା ତାଙ୍କ ପ୍ରତିନିଧୀଙ୍କ ଉପସ୍ଥିତି ରେ ଉପଜିଲ୍ଲାପାଳ କଟକ ସଦର ଙ୍କର କାର୍ଯ୍ୟାଳୟ ପ୍ରକୋଷ୍ଠ ରେ ଦରଖାସ୍ତ ତନଖି କରାଯାଇ ଯୋଗ୍ୟ ଲିଜ ଧାରୀ ଚୟନ କରାଯିବ । ଉପରୋକ୍ତ ଦିନ ବୈଧ ଦରଖାସ୍ତ ଅଭାବରୁ ଯୋଗ୍ୟ ଲିଜ ଧାରୀ ଚୟନ ନ ହୋଇପାରିଲେ ପୁନଃ ନିଲାମ ଯଥାକ୍ରମେ ତା ୨୭.୦୪.୧୮ ଓ ୩୦.୦୪.୧୮ ରିଖ ଅପରାହ୍ଣ ୩ ଘଟିକା ରେ ଅନୁଷ୍ଠିତ ହେବ ଏବଂ ପ୍ରତି ନିଲାମ ତାରିଖ ର ପୂର୍ବ କାର୍ଯ୍ୟ ଦିବସ ଅପରାହ୍ଣ ୫ ଘଟିକା ପର୍ଯ୍ୟନ୍ତ ଦରଖାସ୍ତ ଗହଣିୟ ।

ଦରଖାସ୍ତ ସହ ଦାଖଲ କରିବାକୁ ଥିବା ଦସ୍ତାବିଜ-

୧. ଦରଖାସ୍ତ ପାଉଣା ବାବଦ ଟ°୧୦୦୦ ଙ୍କା (ଏକ ହଜାର ଟଙ୍କା ) (ଅଣ ଫେରସ୍ତ )ର ଟ୍ରେଜେରୀ ଚାଲାଣ (Head of Account-0853, non-ferrous Mining & Metallurgical Industries -102 Mineral Concession fees)।

୨.ପ୍ରସ୍ତାବିତସୈରାତ ଉତ୍ସ ର ତଫସିଲ ସହ ଚୌହଦି ର ସମ୍ପୂର୍ଣ୍ଣ ବିବରଣୀ (ସମ୍ପୃକ୍ତ ସୈରାତ ଉତ୍ସ ପରିଦର୍ଶନକରି ତହସିଲ କାର୍ଯ୍ୟାଳୟ ଦାରା ପ୍ରସ୍ତୁତନକ୍ସା ମେଳ କରି ସଂଲଗ୍ନ କରିବେ)।

୩. ନିଶ୍ଚିନ୍ତକୋଇଲି ତହସିଲ ଅଧିନରେ କୌଣସି ସୈରାତ ଉସ ବାବଦ କୌଣସି ବକେୟା ଅର୍ଥ ନଥିବା ସତ୍ୟପାଠ ।

୪. ରାଜସଅଧିକାରୀ ଙ୍କ ଠାରୁ ପାପ୍ତ **Solvency Certificate** ସହ ସ୍ଥାବର ସମ୍ପତି ର ପ୍ରମାଣପତ୍ର (ସଇରାତ କେସ ନଂ ୧ ନିମିତ୍ତ ୨୪ ଲକ୍ଷ ଏବଂ ସଇରାତ କେସ ନଂ ୨ ନିମିତ୍ତ ୨୩ ଲକ୍ଷ ୫୦ ହଜାର ଟଙ୍କାର)**Solvency** ଦେବା ଅବଶ୍ୟକ ।

୫. ଅନ୍ୟାନ୍ୟ ଆବଶ୍ୟକୀୟ ତଥ୍ୟ ବିବରଣୀ ତଥା ବୈଷୟିକ ଜ୍ଞାନ, ଦକ୍ଷତା ନିଜର ଉପଲବ୍ଧ ଥିବା ଯନ୍ତ୍ରପାତି ଓ ଆର୍ଥିକ ବ୍ୟବସ୍ଥା ବାବଦିୟ ଥିବା ତଥ୍ୟ ।

ବିଶେଷ ସର୍ତାବଳୀ-

୧.ଆବେଦନକରୀ ଓଡିଶା ଲଘୁ ଖଣିଜଦ୍ରବ୍ୟ ରିହାତି ସଂଶୋଧନ ନିୟମାବଳୀ ୨୦୧୬, ଓଡିଶା ଲଘୁ ଖଣିଜ ଦ୍ରବ୍ୟ ଉତୋଳନ ସଂଶୋଧନ ନିୟମାବଳୀ ୨୦୧୭ ଏବଂ Manual of Tahasil Account ର ପରିସର ଭୁକ୍ତ ରହିବେ ।

୨. ପ୍ରଚଳିତ ନିୟମାବଳୀ ଅନୁଯାୟୀ ସର୍ବୋଚ୍ଚ ନିଲାମଧାରୀ ଙ୍କ ଦରଖାସ୍ତ କୁ ଲିଜ ପ୍ରଦାନ ନିମନ୍ତେ ଚୟନ କରାଯିବ । ଯଦି ଏକରୁ ଅଧିକଦରଖାସ୍ତକରୀ ସମାନ ସର୍ବୋଚ୍ଚମୂଲ୍ୟ ପ୍ରଦାନ କରିଥିବେ ତେବେ ଲଟେରୀ ମାଧ୍ୟମରେ ଲିଜଧାରୀ ଚୟନ କରାଯିବ ।

୩. ଲିଜଧାରୀ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦାରା ଧାର୍ଯ୍ୟ ଅମାନତ ଅର୍ଥ ନିଲାମ ଚୂଡାନ୍ତ ଦିବଷ ଠାରୁ ୭ ଦିନ ମଧ୍ୟରେ Demand Draft ମାଧ୍ୟମରେ କିମ୍ବା ନଗଦ ଟଙ୍କା ଆକାରରେ ତହସିଲଦାର ନିଷ୍ଚିନ୍ତକୋଇଲି ଙ୍କ ନିକଟରେ କାଗଜାତ ଦାଖଲ କରିବେ ।

୪. ଯଦି ନିଲାମ ଧରୀ ନିର୍ଦ୍ଧାରିତ ସମୟରେ ପ୍ରାଧିକୃତ ଅଧିକାରୀ ଅନୁମୋଦିତ ଓ ପରିବେଶ ମଞ୍ଜୁରୀ ସମ୍ବନ୍ଧୀୟ ଦାଖଲ ନ କରନ୍ତି ତେବେ ଆଇନ ଅନୁଯାୟୀ ପରବର୍ତି ପଦକ୍ଷପେ ଗ୍ରହଣ କରାଯିବ ।

୫.Mining Plan (Form-A) ରେ ପ୍ରାଧିକୃତ ଅଧିକୀରୀଙ୍କ ଦ୍ୱାରା ଦର୍ଶାଯାଇଥିବା ଗଚ୍ଛିତ ଲଘୁ ଖଣିଜ ଦ୍ରବ୍ୟର ପରିମାଣ ତଥା ଲିଜ ଧାରୀ ଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ସର୍ବୋଚ୍ଚମୂଲ୍ୟ କୁ ଗୁଣନ କରି ଉକ୍ତ ଅର୍ଥ କୁ ୫ ବର୍ଷ ପାଇଁ ଏକ କାଳିନ ପୈଠ କରିବେ ସମ୍ପୂର୍ଣ୍ଣରାଶି ପୈଠ ହେଲାପରେ ପରିବେଶ ମଞ୍ଜୁରି ଆଣି ରେଜିଷ୍ଟ୍ରେସନ ଧାରା ୧୯୦୮ ଓ ଷ୍ଟାମ୍ପ ଧାରା ୧୮୯୯ ଅନୁଯାୟୀ ଚୁକ୍ତିପତ୍ର ସମ୍ପାଦନ କରିବେ ଏବଂ ଉକ୍ତ ପରିଚାଳନା କରିବେ ।

୬. ଲିଜଧାରୀଙ୍କ ନିଜସ୍ୱ ଅବହେଳାରୁ ପରିବେଶ ମଞ୍ଜୁରି ଆଣି ଚୁକ୍ତିନାମା ସମ୍ପାଦନରେ ଅହେତୁକ ବିଳମ୍ବ ଘଟିଲେ ଏହା ୨୦୧୮-୧୯ ଆର୍ଥିକ ବର୍ଷରେ ସମ୍ପାଦିତ ହୋଇଛି ବୋଲି ଧରି ନିଆଯିବ ଏବଂ ଲିଜ ଅବଧିରେ କୌଣସି ପରିବର୍ତନ କରାଯିବ ନାହିଁ ।

୭. ଯଦିସର୍ବୋଚ୍ଚ ରୟାଲିଟି ମୂଲ୍ୟାଙ୍କ କରିଥିବା ଆବେଦନକାରୀ ନିର୍ଦ୍ଧାରିତ ସମୟସିମା ମଧ୍ୟରେ ଅମାନତ ରାଶି ନିଲାମରାଶି, ପରିବେଶ ମଞ୍ଜୁର ଦାଖଲ କରିବାରେ ଖିଲାପ କରନ୍ତି ତାହେଲେ ଦ୍ୱିତୀୟ ଏବଂ ପରବର୍ତି ସର୍ବାଧିକ ନିଲାମଧାରି ମାନଙ୍କୁ କ୍ରମାନ୍ୱୟରେ ସୁଯୋଗ ଦିଆଯିବ ।

୮. ଯଦି ଦରଖାସ୍ତ କାରୀ ଧାର୍ଯ ରୟାଲିଟ ମୂଲ୍ୟଠାରୁ କମ୍ ମୂଲ୍ୟ ଉଲ୍ଲେଖ କରିଥାନ୍ତି ତେବେ ଦରଖାସ୍ତକୁ ବିଚାର କୁ ନିଆଯିବ ନାହିଁ ।

୯. ନିଲାମ ଧାରୀମାନେ (OMMC Amendment Rule 2016 sub-Rule 1 to 17 of Rule 27) ର ସମସ୍ତ ସର୍ତାବଳୀ ମାନିବା ନିମନ୍ତେ ବାଧ୍ୟ ହେବେ ।

୧୦. ସର୍ବୋଚ୍ଚ ନିଲାମଧାରୀ ଙ୍କ ଦ୍ୱାରା ମୂଲ୍ୟାଙ୍କ ହୋଇଥିବା ରୟାଲିଟି ରେ ଯଦି ଚୁକ୍ତିନାମା ସମ୍ପାଦନା ଅବଧି ଭିତରେ କୌଣସି ବୃଦ୍ଧି ଘଟିଥାଏ ତେବେ ଏହା ତାଙ୍କପାଇଁ ଲାଗୁ ହେବ ।

୧୧. ଲିଜଧାରୀ ଜମା ରୟାଲିଟ ର ୨% ଆୟକର (TDS) ବାବଦକୁ ଚାଲାଣ ଆକାରରେ ଜମା କରି ବେ ଏବଂ ସମସ୍ତ ରୟାଲିଟି ମୂଲ୍ୟର ୫% ଅର୍ଥ ପରିବେଶ ପରିଚାଳନା ପାଣ୍ଠି କୁ ଦେୟ ରୂପେ ପୈଠ କରିବାକୁ ପଡିବ ।

୧୨. ନିଲାମଧାରୀ ୫ ବର୍ଷ ପାଇଁ ସମସ୍ତ ରୟାଲିଟି ଏବଂ Additional Charge ଏକକାଳୀନ ଜମା କରି ବେ ମାତ୍ର Dead rent , Surface rent ଏବଂ fees for compensatory aforestation ପ୍ରତିବର୍ଷ ଜମା କରିବାକୁ ପଡିବ । ସମସ୍ତ ମୂଲ୍ୟର ୫ % ଅର୍ଥ ଜିଲ୍ଲା ପରିବେଶ ପରିଚାଳନା ପାଣ୍ଠି କୁ ଦେୟ ରୂପେ ପୈଠ କରିବାକୁ ପଡିବ ।

୧୩. ଲିଜ୍ ଚୁକ୍ତିନାମା ସମ୍ପାଦନା ପରେ ଓ ଲିଜ୍ ର ଧାର୍ଯ୍ୟ ଅବଧି ଶେଷ ମଧ୍ୟରେ ଯଦି ଓଡିଶା ସରକାରଙ୍କ ଦ୍ୱାରା ସ୍ଥିରିକୃତ ଲଘୁଖଣିଜ ଦ୍ରବ୍ୟ ର ଦରବୃଦ୍ଧି ଘଟେ ଏବଂ ତାହାଯଦି ଲିଜଧାରିଙ୍କ ଦ୍ୱାରା ପୈଠ କରାଯାଇଥିବା ସର୍ବୋଚ୍ଚ ଦରଠାରୁ ଅଧିକ ହୁଏ ତାହେଲେ ଦରବୃଦ୍ଧି ଅନୁସାରେ ଲିଜଧାରୀ ଅବଶିଷ୍ଟ ରୟାଲିଟି ଦରବୃଦ୍ଧି ତାରିଖ ଠାରୁ ପୈଠ କରିବେ ।

୧୪. ଦରଖାସ୍ତ କାରୀ Mines act – 1952 & Explosive Act 1884 ର ସମସ୍ତ ନିୟମ ଓ ନିୟମାବଳୀ ର ଅନ୍ତର୍ଭୁକ୍ତ ରହିବେ ।

୧୫. ଲିଜ ରେ ଅଂଶ ଗ୍ରହଣ କରୁଥିବା ବ୍ୟକ୍ତି ଉତ୍ସ ଗୁଡିକୁ ପରିଦର୍ଶନ କରି ପରିଚାଳନା ପାଇଁ ଗମନାଗମନ ର ସୁବିଧା, ଗଚ୍ଛିତ ଥିବା ଖଣିଜ ଦ୍ରବ୍ୟ ଓ ଅନ୍ୟାନ୍ୟ ଆନୁସଙ୍ଗିକ ସୁବିଧା ସମ୍ପର୍କ ରେ ପର୍ଯ୍ୟବେକ୍ଷଣ କରି ଦରଖାସ୍ତ କରିବା ଆବଶ୍ୟକ । ଲିଜ ନେବାପରେ ଉତ୍ସ ପରିଚାଳନା ସମ୍ପର୍କରେ କୌଣସି ଅଭିଯୋଗ ଗ୍ରହଣୀୟ ହେବ ନାହିଁ । ଲଘୁଖଣିଜ ପଦାର୍ଥ ଉତ୍ସ ର ପରିଚଳନା ସମ୍ପର୍କ ରେ ପ୍ରାକୃତିକ ବିପର୍ଯ୍ୟ ୟ ଦ୍ୱାରା କ୍ଷୟ କ୍ଷତି ପାଇଁ କର୍ତ୍ତୃପକ୍ଷ ଦାୟି ରହିବେ ନାହିଁ ।

୧୬. ଚୟନ ହୋଇଥିବା ଲିଜଧାରୀ ପରିବେଶ ମଞ୍ଜୁରୀ ହାସଲ କରିବେ । ଏହା ଭାରତ ସରକାରଙ୍କ ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟ ବିଜ୍ଞପ୍ତି ସଂଖ୍ୟା SO-1533 dtd 14.09.2006 ଅନୁଯାୟୀ ଉତ୍ସ ପରିଚାଳନା ପାଇଁ ବାଧ୍ୟତାମୂଳକ ଅଟେ । ଲିଜଧାରୀ ମାଇନିଂପ୍ଲାନ ପ୍ରସ୍ତୁତ ଏବଂ ଅନୁମୋଦନ ଖର୍ଚ୍ଚ ବହନ କରିବେ ।

୧୭. ଲିଜ ପ୍ରଦାନ ପରେ ସୈରାତ ଉତ୍ସ ର କ୍ଷେତ୍ରପରିବର୍ତ୍ତନ କରାଯାଇପାରିବ ନାହିଁ ।

୧୮. ସର୍ବୋଚ୍ଚ ଦରର ରୟାଲିଟି ଦାଖଲ ପାଇଁ ଆବେଦନ କରିଥିବା ଲିଜଧାରୀ ଯଦି ରୟାଲିଟି ଟଙ୍କା ଜମା କରିବାରେ ବା ଲିଜ୍ ଚୁକ୍ତିନାମା ସମ୍ପାଦନା କରିବାରେ ମୃତ୍ୟୁବରଣ କରନ୍ତି ତେବେ ଉକ୍ତ ଜମା କିମ୍ବା ଚୁକ୍ତିନାମା ତାଙ୍କର ଉତ୍ତରାଧିକାରୀ କିମ୍ବା ତାଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧୀ ଙ୍କ ଦ୍ୱାରା ସମ୍ପାଦିତ ହୋଇଛି ବୋଲି ଧରିନିଆଯିବ ।

୧୯. ଲିଜଧାରୀ ନିଜ ଦାୟିତ୍ୱରେ ପରିବେଶ ପରିଚାଳନା ଯୋଜନା କାର୍ଯ୍ୟକରୀ କରିବେ ।

୨୦. ବାଲି ନିଲାମଧାରୀ ନଦୀ ଶଯ୍ୟାର ୩ ମିଟର ଓ ଜଳସ୍ତର ଗଭିରତା ମଧ୍ୟ ରୁ ଯେଉଁଟି କମ ବା ଉତ୍ସ ଦାୟିତ୍ୱରେ ଥିବା ଯନ୍ତ୍ରିଙ୍କ ନିର୍ଦ୍ଧାରିତ ସର୍ତ୍ତ ବ୍ୟତିକ୍ରମ କରି ବାଲି ଖନନ କରିପାରିବେ ନାହିଁ ।

୨୧. ସମ୍ବାଦପତ୍ରରେ ବିଜ୍ଞପ୍ତି ପ୍ରକାଶନର ସମସ୍ତ ଖର୍ଚ୍ଚ ନିଲାମଧାରୀ ବହନକରିବେ । ସୈରାତ ଉତ୍ସ ଓ ନିଲାମ ସମ୍ବନ୍ଧୀୟ ସମସ୍ତ ସର୍ତ୍ତାବଳୀ ତହସିଲ କାର୍ଯ୍ୟାଳୟରେ (ଛୁଟିଦିନ ବ୍ୟତିତ) ସମସ୍ତ କାର୍ଯ୍ୟଦିବସରେ ମିଳିପାରିବ । ଯଦି ଉକ୍ତ ଇସ୍ତାହାର ରେ କୌଣସି ତ୍ରୁଟି ପରିଲକ୍ଷିତ ହୁଏ ତେବେ ତାହା ସଂଶୋଧନ କରିବା କ୍ଷମତାପ୍ରାପ୍ତ ଅଧିକାରୀଙ୍କର ଅଛି ।

ତହସିଲଦାର ତଥା କ୍ଷମତାପ୍ରାପ୍ତ ଅଧିକାରୀ
ନିଶ୍ଚିନ୍ତକୋଇଲି ତହସିଲ

ସୈରାତ ଉତ୍ସ ଗୁଡିକର ବିବରଣୀ –

| କ୍ରମିକ ସଂଖ୍ୟା | କେସ୍ ନଂ | ଲଘୁ ଖଣିଜାତ ଉତ୍ସର ନାମ | ମୌଜା | ଖାତା | ଖସଡା | ରକବା | ସର୍ବନିମ୍ନ ମୂଲ୍ୟ ପ୍ରତି ଘ.ମି. | ମନ୍ତବ୍ୟ |
|---|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ |
| ୧ | ୧/୧୬-୧୮ | ଲୁଣାନଦୀ ବାଲିଘାଟ | କୁଳଗାଁଇଶାଳୋ | ୮୧୬ | ୧୯୧୮ | ଏ୦.୩୦୦ | ୯୪ ଟଙ୍କା | |
| | | | | | ୧୯୧୯ | ଏ୦.୮୦୦ | | |
| | | | | | ୧୯୨୦ | ଏ୧୨.୪୦୦ | | |
| | | | | | ୧୯୨୧ | ଏ୧.୫୦୦ | | |
| ୨ | ୨/୧୬-୧୮ | ଲୁଣାନଦୀ ବାଲିଘାଟ | କୁଳସୁକରପଡା-ଲୋକନାଥପୁର | ୩୭୧ | ୧୦୨୨ | ଏ୨୬.୩୦୧ | ୯୪ ଟଙ୍କା | |
| | | | | ୧୧୫ | ୪୨୧ | ଏ୨.୭୧୫ | | |
| | | | | | ୪୨୨ | ଏ୨.୭୨୦ | | |

ତହସିଲଦାର ତଥା କ୍ଷମତାପ୍ରାପ୍ତ ଅଧିକାରୀ , ନିଶ୍ଚିନ୍ତକୋଇଲି
୭.୫.୧୮